# Akashvani, Sambalpur

## SAMBALPURI NEWS EVENING BULLETIN

## 29 july 2026-7.02- 7.12 pm.

---

୧- ଲୋକ୍‌ସଭା ନ ଆଏଜ୍ ପାରିତ୍ ହେଲା ସାର୍ବଜନୀନ ପରୀକ୍ଷା ସଂଶୋଧନ୍ ବିଲ୍ -୨୦୨୬ ।

୨- ରାଏଜେ ଲଗାଏତ୍ ବର୍ଷା ଲାଗି ୬ ଟା ଜିଲ୍ଲାର୍ ୪୪ ଟା ବ୍ଲକ୍‌ର ୨ ଶହ ୩୩ ଟା ପଂଚାୟତ୍ ହେଲା ପ୍ରଭାବିତ୍ ।

- ସ୍ଥିତିର୍ ମୁକାବିଲା ଆଉ ନୁକ୍‌ସାନ୍ ବାବ୍‌ଦେ ସମୀକ୍ଷା କଲେ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ।

୩- ପୁରୀ ଶ୍ରୀମନ୍ଦିର୍ ନ ମାହାପୁରୁମାନ୍‌କର୍ ବନକଲାଗି ନୀତି ଲାଗି ସଞ୍ଝର୍ ୬ ବଜେନୁ ୫ ଘଂଟାତକ୍ ବନ୍ଦ୍ ରହିଛେ ସର୍ବସାଧାରଣ ଦର୍ଶନ୍ ।

ଆଉର୍

୪- ସ୍ଥାନୀୟ ଜନଜାତି ଆଉ ସମ୍ପ୍ରଦାୟର୍ ସହଭାଗିତାଥି ବାଘ୍ ମାନ୍‌କର୍ ଭବିଷ୍ୟତ୍‌ର ସୁରକ୍ଷା’ ବାର୍ତା ନେଇକରି ଆଏଜ୍ ପାଳନ୍ କରାଯାଉଛେ ବ୍ୟାଘ୍ର ଦିବସ୍ ।

ସଂସଦ୍ ଏନ୍ଏସ୍ଡି

ଲୋକ୍ସଭା ନ ଆଏଜ୍ ସାର୍ବଜନୀନ ପରୀକ୍ଷା ସଂଶୋଧନ୍ ବିଲ୍ -୨୦୨୬ ପାରିତ୍ ହେଇଛେ । ଇ ବିଲ୍ଥି ସାର୍ବଜୀନନ ପରୀକ୍ଷା ଅଧିନିୟମ୍ ୨୦୨୪ ଥି ଥିବା କେତେଟା ନିୟମ୍କେ ବଦ୍ଲା ଯାଇଥିବାର୍ ବେଲେ ଆଉ କେତେଟା ନୂଆଁ ଦଣ୍ଡବିଧାନ୍ ଜୁଡ଼ାଯାଇଛେ । ସାର୍ବଜୀନନ ପରୀକ୍ଷାଥି ପେପର୍ ଲିକ୍ କି ଭୁଲ୍ ଉପେଥି ପ୍ରଶ୍ନପତ୍ର ପ୍ରଘଟ୍ କଲେ ଦୋଷୀଙ୍କୁ ୧୦ ବଛର୍ତକ୍ ଜେଲ୍, ୧୦ କୋଟି ଟଙ୍କାତକ୍ ଜରିମାନା ଆଉ ଦୋଷୀର୍ ସମ୍ପତି ଜବତ୍ କର୍ବାର୍ ଲାଗି ବିଲ୍ଥି ପ୍ରାବଧାନ୍ ରହିଛେ । ଇ ମାମ୍ଲାମାନ୍କର୍ ତୁର୍ତି ସମାଧାନ୍ ଲାଗି ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ ନ ଖାସ୍ ଫାଷ୍ଟଟ୍ରାକ୍ କୋର୍ଟ ଗଠନ୍ କର୍ବାର୍କେ ବିଲ୍ଥି ବ୍ୟବସ୍ଥା ରହିଛେ । ପୁଲିସ୍ ଥାନାଥି ମାମ୍ଲା ରୁଜୁ ହେବାର୍ ୨ ମାସ୍ ଭିତ୍ରେ ତଦନ୍ତ୍ ଶେଷ୍ କର୍ବାର୍କେ ପଡ଼୍ବା । ଚାର୍ଜସିଟ୍ ଦାଖଲ୍ ହେବାର୍ ୩ ମାସ୍ ଭିତ୍ରେ ବିଚାର୍ ପ୍ରକ୍ରିୟା ସାର୍ବାର୍କେ ଭିଲ୍ ବ୍ୟବସ୍ଥା ରହିଛେ । ବିଲ୍ ଉପ୍ରେ ଆଲୋଚନାର୍ ଉତର୍ ଦେଇକରି କେନ୍ଦ୍ର ବିଭାଗ୍ର କାର୍ମିକ ଜନ ଅଭିଯୋଗ୍ ଆର୍ ପେନ୍ସନ୍ ରାଷ୍ଟ୍ରମନ୍ତ୍ରୀ ଡକ୍ଟର୍ ଜିତେନ୍ଦ୍ର ସିଂ କହିଛନ୍, ଇ ଆଇନ୍କେ ଅଏତ୍କା କଡ଼ା କର୍ବାର୍ ଆଉ ତୁର୍ତି ନ୍ୟାୟ ସୁନିର୍ଶ୍ଚିତ୍ କର୍ବାର୍ ଲାଗି ଇ ସଂଶୋଧନ୍ କରାଯାଉଛେ ।

ସେଆଡ଼େ ରାଜ୍ୟସଭା ନ ଆଏଜ୍ ଜାତୀୟ ସମ୍ମାନ୍‌ର ଅପମାନ୍ ନିବାରଣ ସଂଶୋଧନ୍ ବିଲ୍ ୨୦୨୬ ପାରିତ୍ ହେଇଛେ । ଇ ବିଲ୍‌ର ଉଦ୍ଦେଶ୍ ହେଉଛେ ବନ୍ଦେ ମାତରମ୍‌କେ ଜାତୀୟ ସଂଗୀତ ଜନ ଗଣ ମନ ବାଗିର୍ ସମାନ୍ ଆଇନଗତ ସୁରକ୍ଷା ଦେବାର୍ । ଇ ଆଇନ୍ ଉଲ୍ଲଂଘନ୍ କଲେ ସବୁନୁ ଜହ ୩ ବଛର୍ ତକ୍ ଜେଲ୍, ଜରିମାନା ଆଉ ଦଣ୍ଡ ହେଇପାରେ ।

ବନ୍ୟା ପରସ୍ଥିତି ଆଇ.ଆଣ୍ଡ୍.ପି.ଆର

ଉତର୍ ଆଭ୍ୟନ୍ତରିଣ୍ ଓଡ଼ିଶା ଆଉ ତାକେ ଲାଗିକରି ଥିବା ଗାଙ୍ଗେୟ ପଶ୍ଚିମବଙ୍ଗ୍ ଉପ୍‌ରେ ଗଭୀର୍ ଅବପାତ କେନ୍ଦ୍ରୀଭୂତ ହେଇକରି ଅଛେ । ଇଟା ଇହାଦେ ଉତର୍ ଓଡ଼ିଶା, ଦକ୍ଷିଣ୍ ଝାର୍‌ଖଣ୍ଡ୍ ଆଉ ଉତର୍ ଛତିଶ୍‌ଗଡ଼୍ ଦେଇକରି ଯାଉଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ଜବର୍‌ନୁ ଅତି ଜବର୍ ବର୍ଷା ହେବା ବଲି ନୂଆପଡ଼ା, କଲାହାଣ୍ଡି, ନବରଙ୍ଗ୍‌ପୁର୍ କୋରାପୁଟ୍ ଜିଲ୍ଲାକେ ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଲଗାଏତ୍ ବର୍ଷା ଲାଗି

ରାଜ୍ୟର୍ ୬ ଟା ଜିଲ୍ଲା ନ ବଏଢ଼୍ ଥିତି ଦେଖିବାର୍‌କେ ମିଲିଛେ । ଇଥି ୪୪ ଟା ବ୍ଲକ୍ ପ୍ରଭାବିତ୍ ହେଇଛେ ବଲି ଏସ୍.ଆର୍.ସି.ଙ୍କର୍ କାର୍ଯ୍ୟାଲୟ ତର୍‌ଫୁ ସୂଚ୍‌ନା ମିଲିଛେ । ବଏଢ଼୍‌ଥି ମୋଟ୍ ୨ ଶହ ୩୩ ଟା ପଂଚାୟତ୍‌ର ୭ ଶହ ୪୮ ଟା ଗାଁ ପ୍ରଭାବିତ୍ ହେଇଛେ । ୨ ଲାଖ୍ ୩ ହଜାର୍ ନୁ ଅଏତ୍‌କା ଲୋକ୍ କ୍ଷତିଗ୍ରସ୍ତର୍ ହେଇଛନ୍ । ଉଦ୍ଧାର କାମ୍‌ଥି ୪୪ ଟା ଅଗ୍ନିଶମ ୧୩ ଟା ଓଡ୍ରାଫ୍ ଆଉ ୨ ଟା ଏନ୍‌ଡିଆର୍‌ଏଫ୍ ଦଲ୍‌କେ ଲଗାଯାଇକରି ପାଖାପାଖି ୨୮ ହଜାର୍ ଲୁକ୍‌କୁ ସ୍ଥାନାନ୍ତରିତ୍ କରାଯାଇଛେ । ବଏଢ଼୍ ପାଏନ୍‌ଥି ୭ ହଜାର୍ ୯ ଶହ ଏକଡ଼୍ ୪ ଜମିନ୍ ନୁକ୍‌ସାନ୍ ହେଇଥିବାର୍ ବେଲେ ୭ ଶହ ୬୧ ଟା ମାଟିର୍ ଘର୍ ଭାଙ୍ଗିଯାଇଥିବାର୍ ବାବ୍‌ଦେ ପ୍ରାଥମିକ୍ ଆକଲନ୍‌ନୁ ସୂଚ୍‌ନା ମିଲିଛେ । ସ୍ଥିତିର୍ ମୁକାବିଲା ଆଉ ନୁକ୍‌ସାନ୍ ବାବ୍‌ଦେ ଭୁବ୍‌ନେଶ୍ୱର୍ ରାଜୀବ୍ ଭବନ୍ ଠାନେ ଆଏଜ୍ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀଙ୍କର୍ ଅଧ୍ୟକ୍ଷତାଥି ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ହେଇଯାଇଛେ । ଉତର୍ ଓଡ଼ିଶା ନ ବର୍ଷାର୍ ପ୍ରଭାବ୍ କମ୍‌ବାର୍ ସହେତେ ଦକ୍ଷିଣ ଆଉ ପଶ୍ଚିମ ଓଡ଼ିଶା ନ ବଢ଼୍‌ବା । ବଏଢ଼୍ ପ୍ରଭାବିତ୍ ଜିଲ୍ଲାମାନ୍‌କେ ସର୍‌କାରୀ

କର୍ମଚାରୀମାନ୍‌କର୍ ଛୁଟି ବାତିଲ୍ କରାଯାଇଛେ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

(ଭଏସ୍ ଓଭର୍- ସୁରେଶ୍ ପୂଜାରୀ)

ପ୍ରଭାବିତ୍ ଇଲାକାମାନ୍‌କେ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍ ତର୍‌ଫୁ ସ୍ୱାସ୍ଥ୍ୟସେବାକେ ଆହୁରି ବର୍‌କସ୍ କରାଯାଇଛେ । ଜରୁରୀ ସ୍ୱାସ୍ଥ୍ୟସେବାକେ ସୁନିଶ୍ଚିତ୍ କର୍‌ବାର୍ ଲାଗି ସବୁ ପ୍ରାଥମିକ୍ ସ୍ୱାସ୍ଥ୍ୟକେନ୍ଦ୍ରମାନ୍‌କେ ଏମ୍‌ବିବିଏସ୍ ଡାକ୍ତର୍‌ମାନ୍‌କୁ ନିୟୋଜିତ୍ କରାଯାଇଛେ । ବୈଠକ୍ ନ ଦିଆଯାଇଥିବା ସୂଚ୍‌ନା ଅନ୍‌ସାରେ ଇହାଦେତକ୍ ୨ ଶହ ୨୬ ଟା ଗାଁ ନ ଜଲବନ୍ଦୀ ସ୍ଥିତି ଲାଗି ରହିଛେ । ଜିଲ୍ଲା ପ୍ରଶାସନ୍‌ର ପରାମର୍ଶ ମାନ୍‌ବାର୍, ଦର୍‌କାର୍ ହେଲେ ରିଲିଫ୍ କେନ୍ଦ୍ରକେ ସ୍ଥାନାନ୍ତର୍ ହେବାର୍ ଆଉ ଜରୁରୀ ସହାୟତା ଲାଗି ୧୧୨ ନମ୍ବର୍‌କେ ଯୋଗାଯୋଗ୍ କର୍‌ବାର୍‌କେ ମନ୍ତ୍ରୀ ଶ୍ରୀ ପୂଜାରୀ ପରାମର୍ଶ ଦେଇଛନ୍ ।

ଗଲା ୨୪ ଘଂଟା ଭିତ୍‌ରେ ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ଅତିଜବର୍ ବର୍ଷା ହେଇଯାଇଛେ । ବର୍‌ଗଡ଼୍ ବିଜେପୁର୍ ଠାନେ ସବୁନୁ ଅଏତ୍‌କା ୩ ଶହ ୧୫ ମିଲିମିଟର୍ ବର୍ଷା ହେଇଥିବାର୍ ବେଲେ ବଲାଙ୍ଗିର୍ ଆଗଲ୍‌ପୁର୍ ନ ୨ ଶହ ୬୪ ଆଉ ସାଲେଭଟା ନ

୨ ଶହ ୫୬ ଦଶ୍‌ମିକ୍ ୮ ମିଲିମିଟର୍ ବର୍ଷା ରେକର୍ଡ୍ କରାଯାଇଛେ । ଲଗାଏତ୍ ବର୍ଷା ଆଉ ବଏଢ଼୍ ଥିତିକେ ନଜର୍‌ଥି ରଖିକରି ଆଏଜ୍ ଭିନ୍ ଭିନ୍ ଜିଲ୍ଲା ନ ସ୍କୁଲ୍ ଛୁଟି ଘୋଷ୍‌ନା କରାଯାଇଥିଲା ।

ବଏଢ଼୍ ପାଏନ୍        ନୂଆପଡ଼ା/ବୌଦ୍ଧ ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାର୍ ବୋଡ଼େନ୍ ଯୁଯୁଘାଟ୍ ଠାନେ ସଡ଼କ୍ ଉପ୍‌ରେ ୪ ଫୁଟ୍ ପାଏନ୍ ଯାଉଛେ । କଣ୍ଟେତରନୁ ତର୍‌ବୋଡ଼୍‌କେ ଯା'ଆସ୍ ବାଧାପ୍ରାପ୍ତ ହେଇଛେ । ଘୁଡ଼ସର୍ ଆଉ ଜମନ୍‌କଟା ଗାଁର୍ ୨୦ ଝନ୍‌କୁ ପ୍ରଶାସନ୍ ତର୍‌ଫୁ ଉଦ୍ଧାର୍ କରାଯାଇଛେ ।

ସେଆଡ଼େ ବୌଦ୍ଧ ଜିଲ୍ଲା ନ ଲଗାଏତ୍ ବର୍ଷା ଲାଗି ଭିନ୍ ଭିନ୍ ଇଲାକା ନ ପାଏନ୍ ଜମ୍‌ବାର୍ ସହେତେ ମହାନଦୀର୍ ଜଲ୍‌ସ୍ତର୍ ବଢ଼୍‌ବାର୍‌ଥି ଲାଗିଛେ । ପରିସ୍ଥିତିର୍ ସମୀକ୍ଷା କରିକରି ବୌଦ୍ଧ ଜିଲ୍ଲାପାଲ୍ ମହାନଦୀ ଖଁଡ଼ି ଇଲାକା ପରିଦର୍ଶନ୍ କରିଛନ୍ । ନଏଦ୍‌ଥି ମଗର୍ ଥିବାର୍ ସୂଚ୍‌ନା ପାଏବାର୍ ଉତ୍‌ରୁ ଜଙ୍ଗଲ୍ ବିଭାଗ୍‌କେ ସତର୍କ ରହେବାର୍‌କେ ନିର୍ଦ୍ଦେଶ୍ ଦେବାର୍ ସହେତେ ଲୁକ୍‌କୁ ନଏଦ୍ ଭିତର୍‌କେ ନାଇଁଯିବାର୍‌କେ ପରାମର୍ଶ ଦିଆଯାଇଛେ ।

ସୁବର୍ଣ୍ଣପୁର୍ ଜିଲ୍ଲାର୍ ଭିନ୍ ଭିନ୍ ଇଲାକା ନ ଲଗାଏତ୍ ବର୍ଷା ଲାଗି ଯୋଗାଯୋଗ୍ ବିଛିନ୍ନ ହେଇଛେ । ଡୁଙ୍ଗୁରିପାଲିର୍ ଧର୍ମଦାଣ୍ଡି ସେତୁ ଉପ୍ରେ ୨୦ ଫୁଟ୍ ଉଚାର୍ ପାଏନ୍ ଆଉ ଗୁର୍ହାଣ୍ଡି ନାଲା ନ ପାଏନ୍ ଯାଉଥିବାର୍ନୁ ୫ ଟା ପଂଚାୟତ୍ ବିଛିନ୍ନ ହେଇଛେ ।

ବନକଲାଗି ନୀତି ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଅଷାଢ଼୍ ମାସ ପୁନି ତିଥି ନ ଆଏଜ୍ ମାହାପୁରୁମାନ୍କର୍ ବନକଲାଗି ନୀତି କରାଯାଉଛେ । ୨ ନମ୍ବର୍ ଭୋଗ ମଣ୍ଡପ୍ ଭୋଗ ଶେଷ୍ ହେବାର୍ ଉତ୍ରୁ ବେଲ୍ବୁଡ଼ର୍ ୬ ବଜେନୁ ମୁଲ୍ ହେଇକରି ରାତିର୍ ୧୦ ବଜେତକ୍ ଇ ଗୁପ୍ତ ନୀତି କରାଯିବା । ଇଥିର୍ଲାଗି ପାଖାପାଖି ୫ ଘଂଟାତକ୍ ସର୍ବସାଧାରଣ୍ ଦର୍ଶନ୍ ବନ୍ଦ୍ ରହିଛେ ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ୍ ଆର୍ଏନ୍ୟୁ ସମ୍ବଲ୍ପୁର୍

ବାଘ୍ ମାନ୍କର୍ ସଂରକ୍ଷଣ୍ ଲାଗି ଲୁକକୁ ସଚେତନ୍ କର୍ବାର୍ ଉଧେଁ ଆଏଜ୍ ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ୍ ପାଲନ୍ କରାଯାଉଛେ । ଇ ବଛର୍ ଇ ଦିବସ୍‌ର ବାର୍ତା ରହିଛେ 'ସ୍ଥାନୀୟ ଜନଜାତି ଆଉ ସମ୍ପ୍ରଦାୟର୍ ସହଭାଗିତାଥି ବାଘ୍ ମାନ୍କର୍ ଭବିଷ୍ୟତ୍‌ର ସୁରକ୍ଷା' । ଦେଶେ ବାଘ୍ ମାନ୍କର୍ ବଂଶ ବଢ଼ାବାର୍ ଲାଗି କେନ୍ଦ୍ର ଆଉ ରାଜ୍ୟ ସର୍କାର୍ଙ୍କର୍ ତର୍ଫୁ ଭିନ୍ ଭିନ୍ ଯୋଜ୍ନା କାର୍ଯ୍ୟକାରୀ କରାଯାଉଛେ । ୨୦୧୦ ମସିହାଥି ସେଂଟ୍‌ପିଟ୍ସ୍‌ବର୍ଗ ଠାନେ ହେଇଥିବା ବ୍ୟାଘ୍ର ଶୀର୍ଷକ୍ ସମ୍ମିଳନୀଥି ଇ ଦିବସ୍ ପାଲନ୍ କର୍ବାର୍ ଲାଗି ନିଷ୍ପତି ନିଆଯାଇଥିଲା । ଭାରତ୍ ନ ବାଘ୍ ସଂରକ୍ଷଣ୍ ଦିଗେ କାମ୍ କରୁଥିବା ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତୃପକ୍ଷଙ୍କର୍ ସୂଚ୍ନା ଅନ୍ସାରେ ଦେଶେ ଇହାଦେ ୩ ହଜାର୍ ୬ ଶହ ୮୨ ଟା ବାଘ୍ ରହିଛନ୍ । ଯେନ୍‌ଟା ପୁର୍ଥିର୍ ବାଘ୍ ସଂଖ୍ୟାର୍ ୭୫ ପ୍ରତିଶତ୍ ଆଏ । ଦେଶେ ଇହାଦେ ୫୮ ଟା ଟାଇଗର୍ ରିଜର୍ଭ ରହିଛେ । ସୂଚ୍ନା ଅନ୍ସାରେ ଓଡ଼ିଶାର୍ ଶିମିଲିପାଲ୍ ନ ୩୨ ଟା ବାଘ୍ ଥିବାର୍ ବେଲେ ମଧ୍ୟପ୍ରଦେଶ୍ ନ ସବୁନୁ ଜହ ବାଘ୍ ଅଛନ୍ ।

ଗୁରୁପୂର୍ଣ୍ଣିମା ଆର୍‌ଏନ୍‌ୟୁ/ ସମ୍ବଲପୁର

ପବିତ୍ର ଅଷାଢ଼୍ ପୁନି ଅବ୍‌ସରେ ଆଏଜ୍ ଗୁରୁପୂର୍ଣ୍ଣିମା  ପାଲନ୍ କରାଯାଉଛେ । ଗୁରୁ-ଶିଷ୍ୟ ପରମ୍ପରା ଭାରତୀୟ ସଭ୍ୟତା ଆର୍ ସଂସ୍କୃତିର ଅଭିନ୍ନ ଅଙ୍ଗ ଆଏ । ଜୀବନ୍‌ର ସବୁଦିଗେ ବାଟ୍ କଢ଼ଉଥିବା ଗୁରୁମାନ୍‌କୁ ସମ୍ମାନ୍ ଜନେଇକରି ଗୁରୁପୂର୍ଣ୍ଣିମା ମନାଯାଏସି । ହିନ୍ଦୁ, ବୌଦ୍ଧ ଆଉ ଜୈନ ଧର୍ମାବଲମ୍ବୀ ମାନେ ଆଏଜ୍ ଗୁରୁପୂର୍ଣ୍ଣିମାକେ ଜାକ୍‌ଜମକ୍‌ଥି ପାଲନ୍ କରୁଛନ୍ । ଯୋଗୀ ପରମ୍ପରା ଅନ୍‌ସାରେ ଭଗବାନ ଶିବ ହେଉଛନ୍ ପହେଲା ଗୁରୁ । ହେଲେ ହିନ୍ଦୁ ଋଷି, ସାଧୁସନ୍ଥ ମାନେ ବ୍ୟାସଦେବଙ୍କୁ ଗୁରୁ ହିସାବେ ପୂଜା କର୍‌ସନ୍ । ଗୁରୁପୂର୍ଣ୍ଣିମା ହେଉଛେ ଶିକ୍ଷା, ଜ୍ଞାନ୍ ପାଏବାର୍ ଆଉ କୃତଜ୍ଞତା ଜନାବାର୍ ପରବ୍ ।

ଯୁକ୍ତ ଦୁଇ ତହାଲ୍ ଉନ୍ନତି ପରୀକ୍ଷାଫଲ ଏକ୍ସ

ଉଚ୍ଚମାଧ୍ୟମିକ୍ ଶିକ୍ଷା ପରିଷଦ୍ ତର୍‌ଫୁ ଯୁକ୍ତ ଦୁଇ ତହାଲ୍ ଉନ୍ନତି ପରୀକ୍ଷାଫଲ୍ ଆଏଜ୍ ବାହାରିଛେ । କଲା, ବାଣିଜ୍ୟ ଆଉ ବିଜ୍ଞାନ୍ ଆଉ ଧନ୍ଦାମୂଲକ୍ ଶିକ୍ଷାର୍ ପରୀକ୍ଷାଫଲ୍ ଏକାସାଙ୍ଗେ

ଘୋଷ୍‌ନା କରାଯାଇଛେ । ଛାତ୍ରଛାତ୍ରୀମାନେ ସିଏଚ୍‌ଏସ୍‌ଇ୍ ୱେବ୍‌ସାଇଟ୍ www.chseodisha.nic.in ନୁ ପରୀକ୍ଷାଫଲ୍ ଡାଉନ୍‌ଲୋଡ୍ କରିପାର୍‌ବେ ।

ଭିତର୍ କନିକା ଜାତୀୟ ଉଦ୍ୟାନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭିତର୍ କନିକା ଜାତୀୟ ଉଦ୍ୟାନ୍ ଆଏବା ମାସ ୧ ତାରିଖ୍‌ନୁ ପର୍ଯ୍ୟଟକ୍‌ମାନ୍‌କର୍ ଲାଗି ଖୁଲ୍‌ବା ବଲି ରାଜ୍‌ନଗର୍ ବନଖଣ୍ଡ ତର୍‌ଫୁ ସୂଚ୍‌ନା ମିଲିଛେ । ଇ ବଛର୍ ପର୍ଯ୍ୟଟକ୍‌ମାନ୍‌କର୍ ଲାଗି ପରିବେଶ୍ ଅନୁକୂଳ ପର୍ଯ୍ୟଟନ୍ ଉପ୍‌ରେ ଜୋର୍ ଦିଆଯିବାର୍ ସହେତେ ଭିନ୍ ଭିନ୍ ପ୍ରକାରର୍ ବ୍ୟବସ୍ଥା କରାଯାଇଛେ ।

ଏ.ଆଇ. ଟୁଲ୍ ବେଭାର-ତାଲିମ୍ କର୍ମଶାଳା/ଦେବ୍‌ଗଡ୍ ସମ୍ବାଦଦାତା

ଦେବ୍‌ଗଡ୍ ବସନ୍ତ୍ ନିବାସ୍ ଠାନେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ତର୍‌ଫୁ କିଶୋର୍ ନ୍ୟାୟ ସାଇବର୍ ସୁରକ୍ଷା ଆଉ ପ୍ରଶାସନିକ୍ ସେବାଥି

ଏ.ଆଇ. ଟୁଲ୍‌ର ବେଭାର୍ ବାବ୍‌ଦେ ଗୁଟେ ଦୁଇଦିନିଆ ତାଲିମ୍ କର୍ମଶାଳା ମୁଲ୍ ହେଇଛେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଶିଶୁ ମଙ୍ଗଳ ସମିତି କିଶୋର୍ ନ୍ୟାୟ ବୋର୍ଡ୍, ଚାଇଲ୍ଡ ହେଲ୍ପ ଲାଇନ୍, ଶିଶୁ ଗୃହ ଆଉ ଶିଶୁ ସୁରକ୍ଷା ୟୁନିଟର୍ କର୍ମଚାରୀମାନେ ଯୋଗ୍ ଦେଇଛନ୍ ।

ବିଭିଜିରାମ୍‌ଜୀ ଅଧିନିୟମ୍-ସମ୍ମିଳନୀ ବୌଦ୍ଧ ସମ୍ବାଦଦାତା

ବିଭିଜିରାମ୍‌ଜୀ ଅଧିନିୟମ୍-୨୦୨୫ ବାବ୍‌ଦେ ସର୍‌ପଂଚ୍, ଜନପ୍ରତିନିଧି ଆଉ ପଂଚାୟତିରାଜ୍ କର୍ମକର୍ତାମାନ୍‌କୁ ସଚେତନ୍ ଆଉ ଦକ୍ଷ କର୍‌ବାର୍ ଉଦ୍ଦେଶ୍ୟଥି ବୌଦ୍ଧ ଜିଲ୍ଲା ପରିଷଦ୍ ପଂଚାୟତ୍ ଭବନ୍ ଠାନେ ଜିଲ୍ଲାସ୍ତରୀୟ ସମ୍ମିଳନୀ ହେଇଯାଇଛେ । ଜିଲ୍ଲାପାଳ୍ ବିଭୂତି ଭୂଷଣ୍ ନାଏକଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ସଭାଥି ବିକଶିତ୍ ଗ୍ରାମ୍‌ପଂଚାୟତ୍ ଯୋଜ୍‌ନା, ପରିବାର୍ ପଞ୍ଜିକରଣ୍, ଶହେ ୨୫ ଦିନର୍ ଗ୍ରାମୀଣ୍ ରୋଜ୍‌ଗାର୍ ଗରେଂଟି, ସାମାଜିକ୍ ନିରୀକ୍ଷଣ୍, ଜିଓ ଟେଗିଂ, ଏଆଇ ଆଧାରିତ୍ ଯୋଜ୍‌ନାର୍ ପ୍ରସ୍ତୁତି ବାବ୍‌ଦେ ବିଷେ ମାନ୍‌କେ ତାଲିମ୍‌ପ୍ରାପ୍ତ ଅଧିକାରୀମାନେ ପ୍ରଶିକ୍ଷଣ୍ ଦେଇଥିଲେ ।

କେନ୍ଦ୍ରୀୟ ବିଦ୍ୟାଳୟ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଚଲ୍‌ତି ଶିକ୍ଷା ବଛର୍ ୨୦୨୬-୨୭ଥି ଦେଶେ ଆଉ ୭୨ ଟା କେନ୍ଦ୍ରୀୟ ବିଦ୍ୟାଳୟ ଖୁଲାଯିବା । ଇଥିର୍‌ଲାଗି କେନ୍ଦ୍ର ଶିକ୍ଷାମନ୍ତ୍ରଣାଳୟ ତର୍‌ଫୁ ମଞ୍ଜୁରୀ ମିଲିଛେ । ସେଥିର୍‌ଭିତ୍‌ରୁ ଓଡ଼ିଶାର୍ ୩ ଟା ଜାଗା ପଦମ୍‌ପୁର୍, ପାଲ୍‌ଲହଡ଼ା ଆଉ ରେଢ଼ାଖୋଲ୍ ନ ଭିଲ୍ ନୂଆଁକରି କେନ୍ଦ୍ରୀୟ ବିଦ୍ୟାଳୟ ଖୁଲ୍‌ବା ।